# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**04th April - 2024**

**News Editor : *Tapan Kumar Moharana***

**********************************

***Desk***

## ଅଗ୍ନି ପ୍ରାଇମ୍ ପରୀକ୍ଷଣ

ଭଦ୍ରକ ଜିଲ୍ଲା ଧାମରାସ୍ଥିତ ଏ.ପି.ଜେ. ଅବଦୁଲ୍ କଲାମ୍ ଦ୍ୱୀପର ୪ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ ଗତକାଲି ସନ୍ଧ୍ୟାରେ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ରର ବ୍ୟାବହାରିକ ପରୀକ୍ଷଣ ହୋଇଛି । ଭାରତୀୟ ରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ ପକ୍ଷରୁ ଅଗ୍ନି-୪ ଏବଂ ଅଗ୍ନି-୫ର ଜ୍ଞାନକୌଶଳକୁ ନେଇ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ନିର୍ମିତ ହୋଇଛି । ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ ଦୂରତା ୧ ହଜାରରୁ ୨ ହଜାର କିଲୋମିଟର ମଧ୍ୟରେ ସୀମିତ । ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯିବାକୁ ଥିବା ଏହି କ୍ଷେପଣାସ୍ତ୍ର ୧ ହଜାର କିଲୋଗ୍ରାମ୍‌ର ପାରମ୍ପରିକ ଯୁଦ୍ଧାସ୍ତ୍ର ବହନ କରିବା ସହ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି । ସୂଚନାଯୋଗ୍ୟ, ପୂର୍ବରୁ ୪ ହଜାର କିଲୋମିଟର ଲକ୍ଷ୍ୟଭେଦ ଦୂରତା ଅଗ୍ନି-୪ ଏବଂ ୫ ହଜାର କିଲୋମିଟର ଲକ୍ଷ୍ୟଭେଦୀ ଦୂରତା ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇସାରିଛି ।

*Desk*

# ଲୋକସଭା ନିର୍ବାଚନ - ଦ୍ୱିତୀୟ ପର୍ଯ୍ୟାୟ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆଜି ଶେଷ ହେଉଛି । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ସହିତ ମଣିପୁର ଉପକଣ୍ଠ ଲୋକସଭା ନିର୍ବାଚନ ମଣ୍ଡଳୀର ଅବଶିଷ୍ଟ ଭାଗରେ ନିର୍ବାଚନ ହେବ। ଏହି ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬ ତାରିଖରେ ମତଦାନ ହେବ।

*Sambalpur/R*

# ସମ୍ବଲପୁର - ଜିଲ୍ଲାପାଳ ନିର୍ଦ୍ଦେଶନାମା

ସମ୍ବଲପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଏବଂ ଶ୍ରମିକମାନଙ୍କ କାର୍ଯ୍ୟ ସମୟ ବଦଳା ଯାଇଛି । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଖୋଲିବ । ସେହିପରି କର୍ମକ୍ଷେତ୍ରରେ ଶ୍ରମିକମାନଙ୍କ କାର୍ଯ୍ୟ ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ପର୍ଯ୍ୟନ୍ତ ବନ୍ଦ ରହିବ । ଏହାବ୍ୟତୀତ ଡାକ୍ତରଖାନାଗୁଡ଼ିକରେ ଅଂଶୁଘାତ ୱାର୍ଡ଼ ଖୋଲିବା, ଜଳଛତ୍ର, ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଅଗ୍ରୱାଲ୍ ଅକ୍ଷୟ ସୁନିଲ୍ ନିର୍ଦ୍ଦେଶ ଦେଇଛନ୍ତି ।

*Dhenkanal/R*

# ଆଚରଣ ବିଧି ଉଲ୍ଲଙ୍ଘନ

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବିଧାନସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ ଉପରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଅମ୍ରିତ ଋତୁରାଜ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଗତମାସ ୩୧ ତାରିଖରେ କଙ୍କଡ଼ାହାଡ଼ ବ୍ଲକ୍‌ର ପିତଳଧୁଆ ଗ୍ରାମରେ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଙ୍ଘନ କରିବା ଅଭିଯୋଗକୁ ଆଧାର କରି ପଦକ୍ଷେପ ନେଇ ଜିଲ୍ଲାପାଳ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ 'ସୁବିଧା' ଆପ୍‌ର ବ୍ୟବହାର ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ 'ସୁବିଧା' ଆପ୍ ବିଷୟରେ ଧାରଣା ପ୍ରଦାନ କରିଥିଲେ । ଏହି ଆପ୍ ମାଧ୍ୟମରେ ପ୍ରାର୍ଥୀମାନେ ନିଜର ପ୍ରାର୍ଥୀପତ୍ର ମଧ୍ୟ ଦାଖଲ କରିବା ସହ ପ୍ରଚାରପାଇଁ ମଧ୍ୟ ଆବେଦନ କରିପାରିବେ ।

*Desk*

# ମତଦାନ ଛୁଟି

ଆସନ୍ତା ସାଧାରଣ ନିର୍ବାଚନର ବିଭିନ୍ନ ପର୍ଯ୍ୟାୟରେ ହେବାକୁ ଥିବା ମତଦାନପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି । ଯେଉଁ ସ୍ଥାନରେ ନିର୍ବାଚନ ପାଇଁ ମତଦାନ ହେବ, ସେହିଦିନ ସେହି ନିର୍ବାଚନ ମଣ୍ଡଳି ଅଧୀନସ୍ଥ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେଟ୍ କୋର୍ଟ ଏବଂ କର୍ମଚାରୀଙ୍କ ପାଇଁ ଛୁଟି ଘୋଷଣା କରାଯାଇଛି । ଅନ୍ୟପକ୍ଷରେ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା କରିବାପାଇଁ ମୁଖ୍ୟ ନିର୍ବାଚନ ଆୟୋଗ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ଏଜେନ୍ସିର ମୁଖ୍ୟମାନଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ବେଆଇନ କାର୍ଯ୍ୟକଳାପକୁ ରୋକିବାପାଇଁ ବଳିଷ୍ଠ ପଦକ୍ଷେପ ନେବାଲାଗି କୁହାଯାଇଛି ।

*Desk*

# ବାରବାଟୀ ଦୁର୍ଗ - ଖନନ କାର୍ଯ୍ୟ

ବାରବାଟୀ ଦୁର୍ଗରେ ଖନନ କାର୍ଯ୍ୟ ଚାଲିଥିବାବେଳେ ଦୁର୍ଗ ଭିତରୁ ୩ଟି ନୂଆ ମନ୍ଦିରର ଭଗ୍ନାବଶେଷ ମିଳିଥିବା ଜଣାପଡ଼ିଛି । ସେଥିମଧ୍ୟରୁ ଗୋଟିଏ ମନ୍ଦିର ନବମ ଏବଂ ଅନ୍ୟ ଦୁଇଟି ମନ୍ଦିର ଦ୍ୱାଦଶ ଶତାବ୍ଦୀର ବୋଲି ଅନୁମାନ

କରାଯାଉଛି । ଏହାସହିତ ନୌବାଣିଜ୍ୟ ସମ୍ପର୍କିତ ଅନ୍ୟ କିଛି ତଥ୍ୟର ସନ୍ଧାନ ମିଳିଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୁହାଯାଇଛି ।

***Desk***

# ଇ.ପି.ଏଫ୍.

ଗୋଟିଏ ସଂସ୍ଥାରୁ ଚାକିରି ଛାଡ଼ି ଅନ୍ୟ ସଂସ୍ଥାରେ ଚାକିରି କଲେ ଭବିଷ୍ୟତରେ ଭବିଷ୍ୟନିଧି ପାଣ୍ଠି - ପି.ଏଫ୍. ପ୍ରାପ୍ୟ ସ୍ଥାନାନ୍ତର ନେଇ ଆବେଦନ କରିବାର ଆବଶ୍ୟକତା ପଡ଼ିବ ନାହିଁ ବୋଲି ଇ.ପି.ଏଫ୍.ଓ. ପକ୍ଷରୁ ଅଗ୍ନି-୪ କ୍ଷେପଣାସ୍ତ୍ରରୁହାଯାଇଛି । ଏହା ସ୍ୱୟଂକ୍ରିୟ ଭାବେ ଅନ୍ୟ ସଂସ୍ଥାକୁ ସ୍ଥାନାନ୍ତରିତ ହେବ ବୋଲି ଇ.ପି.ଏଫ୍.ଓ. ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଚଳିତ ମାସ ପହିଲାରୁ ଉଭୟ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ପାଇଁ ଏହି ସ୍ୱୟଂକ୍ରିୟ ନିୟମ ଲାଗୁ ହୋଇଛି ।

***Desk***

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅଧିକ ଗରମ ଅନୁଭୂତ ହେଉଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ ପାଗରେ ପରିବର୍ତ୍ତନ ହେବ ନାହିଁ ଏବଂ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ

କେନ୍ଦ୍ର ଅନୁମାନ କରିଛି । ନୟାଗଡ଼, ବୌଦ୍ଧ, କନ୍ଧମାଳ, କଟକ, ଯାଜପୁର ଏବଂ ଭଦ୍ରକ ଜିଲ୍ଲାରେ ଆଜି ଅଧିକ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ସେହିଭଳି ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି, କେନ୍ଦୁଝର, କନ୍ଧମାଳ ଏବଂ ନୟାଗଡରେ ରାତି ତାପମାତ୍ରା ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ଗତକାଲି ରାଜ୍ୟର ୧୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା । ବୌଦ୍ଧରେ ୪୧ ଦଶମିକ ୮ ଡିଗ୍ରୀ, ମାଲକାନଗରିରେ ୪୧ ଦଶମିକ ୬, ଟିଟିଲାଗଡ଼ ଓ ବଲାଙ୍ଗିରରେ ୪୧ ଦଶମିକ ୫ ଡିଗ୍ରୀ ରେକର୍ଡ଼ କରାଯାଇଥିଲା । ଗ୍ରୀଷ୍ମପ୍ରବାହର ମାତ୍ରା ବୃଦ୍ଧି ପାଉଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବିୟଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ରାଜ୍ୟରେ ନିଆଯାଉଥିବା ଅଂଶୁଘାତ ଏବଂ ଅନ୍ୟ ଆବଶ୍ୟକ ପଦକ୍ଷେପଗୁଡ଼ିକର ସମୀକ୍ଷା କରାଯାଇଥିଲା ।

*****